## ସଂକ୍ଷେପରେ

### ମହିଳାଙ୍କ ବେକରୁ ସୁନାହାର ଝାମ୍ପିନେଲେ

ଭଣ୍ଡାରିପୋଖରୀ, ୧୩।୩(ରାଜେନ୍ଦ୍ର ଶତପଥୀ)

ମଞ୍ଜୁରୀରୋଡ୍ ଫାଣ୍ଡି ଅଧୀନ ଝୁଟୁଣା ବୈତରଣୀ ନଦୀବନ୍ଧ ଗଡାଣି ଛକରେ ଶୁକ୍ରବାର ଅପରାହ୍ନରେ ଦୁର୍ବୃତ୍ତମାନେ ଜଣେ ମହିଳାଙ୍କ ବେକରୁ ସୁନାହାର ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, ବିରିଡ଼ି ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସ୍ତ୍ରୀ ଓ ଝିଅ ବର୍ଷାରାଣୀ ସ୍କୁଟିରେ ନଦୀବନ୍ଧରେ ଆଖୁଆପଦା ଆଡ଼କୁ ଯାଉଥିଲେ। ଉକ୍ତ ସ୍ଥାନରେ କଳା ପଲ୍ସରରେ ୨ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଆସି ବର୍ଷାରାଣୀଙ୍କ ବେକରୁ ସୁନାହାର ଝାମ୍ପିନେଇ ଆଖୁଆପଦା ଆଡ଼କୁ ଦ୍ରୁତ ବେଗରେ ପଳାଇଥିଲେ। ବର୍ଷାରାଣୀ ଏନେଇ ମଞ୍ଜୁରୀରୋଡ୍ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖାହେବା ବେଳକୁ ପୋଲିସ ଦୁର୍ବୃତ୍ତଙ୍କ ଟେର୍ ପାଇନାହିଁ।

### ବାଲି ବୋଝେଇ ଟ୍ରାକ୍ଟର, ହାଇୱା ଜବତ

ବନ୍ତ, ୧୩।୩(ହରିନାରାୟଣ ମହାନ୍ତି)

ବନ୍ତ ପୋଲିସ ଗୁରୁବାର ସନ୍ଧ୍ୟାରେ ଭଦ୍ରକ-ଆନନ୍ଦପୁର ୫୩ନଂ. ରାଜ୍ୟ ରାଜପଥର ବନ୍ତ ବଜାର ନିକଟରୁ ୨ଟି ଚୋରା ବାଲି ବୋଝେଇ ଟ୍ରାକ୍ଟର ଓ ଗୋଟିଏ ହାଇୱା ଜବତ କରିଛି। ଏନେଇ ବନ୍ତ ଥାନାରେ ୨ଟି ମାମଲା (ନଂ.୧୦୨/୨୬ ଓ ୧୦୩/୨୬) ରୁଜୁ ହୋଇଛି। ଆଗାମୀ ଦିନରେ ବେଆଇନ ଖଣି ଓ ପରିବହନ କାର୍ଯ୍ୟକଳାପ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଅଭିଯାନ ଜାରି ରହିବ ବୋଲି ଥାନାଧିକାରୀ ସୁପ୍ରକାଶ ମହାନ୍ତି କହିଛନ୍ତି।

### ୧,୫୮,୨୫୧ ଚାଷୀଙ୍କୁ ମିଳିଲା ପିଏମ୍ କିଷାନ ସହାୟତା

ଭଦ୍ରକ, ୧୩।୩ (ସନାତନ ରାଉତ)

ପିଏମ୍ କିଷାନ(ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି) ଯୋଜନାର ୨୨ତମ କିସ୍ତି ଶୁକ୍ରବାର ପ୍ରଦାନ କରାଯାଇଛି। ଭଦ୍ରକ ଜିଲାସ୍ତରରେ ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଜିଲା ସଂସ୍କୃତି ଭବନରେ ପିଏମ୍ କିଷାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାର ୧ ଲକ୍ଷ ୫୮ ହଜାର ୨୫୧ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ମୋଟ ୩୧ କୋଟି ୬୫ ଲକ୍ଷ ୨ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରିଣୀ ପ୍ରୀତିରେଖା ମହାଲିକ, ଜିଲା କୃଷି ଅଧିକାରୀ ଶଶିଭୂଷଣ ମହାପାତ୍ର, କୃଷି ବୈଜ୍ଞାନିକ ଡ. ସଞ୍ଜୟ କୁମାର ମହାନ୍ତି ପ୍ରମୁଖ କୃଷକମାନଙ୍କ ପାଇଁ ପିଏମ୍ କିଷାନ ଯୋଜନାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ।

### ବରିଷ୍ଠ କମ୍ୟୁନିଷ୍ଟ ନେତାଙ୍କ ପରଲୋକ

ତିହିଡ଼ି, ୧୩।୩(ସଞ୍ଜିତ ବଳ)

ତିହିଡ଼ି ବ୍ଲକର ଚାଷୀ, ଭାଗଚାଷୀ ଓ ଶ୍ରମଜୀବୀ ମଣିଷଙ୍କ ନ୍ୟାଯ୍ୟ ଦାବି ଓ ଅଧିକାର ପାଇଁ ଲଢ଼େଇ କରିଆସିଥିବା ବର୍ଷିଆନ କମ୍ୟୁନିଷ୍ଟ ନେତା ସନାତନ ଦାସ(୮୦)ଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କ ଘର ତିହିଡ଼ି ବ୍ଲକ ଅଧୀନ ଦୌଲତପୁର ଗ୍ରାମରେ। ବାର୍ଦ୍ଧକ୍ୟ ଯୋଗୁ ତାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ସିପିଆଇର ଭଦ୍ରକ ଜିଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ସିପିଏମ୍‌ର ଜିଲା କମିଟି ସଭ୍ୟ ବିକାଶ ନାଥ, ସିପିଆଇର ବରିଷ୍ଠ ନେତା ସଚ୍ଚିଦାନନ୍ଦ ବିଶ୍ୱାଳ, ରମେଶ ଜେନା, ଗୌରହରି ମିଶ୍ର, ଭାଗୀରଥି ରାଉତ, ନାରାୟଣ ତ୍ରିପାଠୀ, ରବୀନ୍ଦ୍ର ବାରିକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ଚୁଲି ଜାଳି ପ୍ରତିବାଦ

**ଗ୍ୟାସ୍ ସିଲିଣ୍ଡରର କୃତ୍ରିମ ଅଭାବ, କଳାବଜାର**

ଭଦ୍ରକ, ୧୩।୩(ସନାତନ ରାଉତ)

ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ତୈଳ ସଙ୍କଟ ସହ ରନ୍ଧନ ଗ୍ୟାସ୍‌ର ଅଭାବ ଦେଖାଯାଇଛି। ଅପରପକ୍ଷେ ଦେଶରେ ଏଲ୍‌ପିଜି ଓ ପେଟ୍ରୋଲଜାତୀୟ ସାମଗ୍ରୀ ଯଥେଷ୍ଟ ପରିମାଣରେ ମହଜୁଦ ରହିଛି ବୋଲି ଭାରତ ସରକାର ସ୍ପଷ୍ଟ କରିଛନ୍ତି। କିନ୍ତୁ ପ୍ରକୃତରେ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳୁଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଜିଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଗ୍ୟାସ୍ ଯୋଗାଣ ସ୍ୱାଭାବିକ କରିବାକୁ ଭଦ୍ରକ ଜିଲା କଂଗ୍ରେସ କମିଟି ପକ୍ଷରୁ ଦାବି କରାଯାଇଛି। ଶୁକ୍ରବାର ଜିଲା ସଭାପତି ନଳିନୀ ମହାନ୍ତିଙ୍କ ନେତୃତ୍ୱରେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏପରିକି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମହିଳା କର୍ମୀମାନେ ଚୁଲି ଜାଳି ଚା କରି ପ୍ରତିବାଦ ଜଣାଇଛନ୍ତି।

ଉପା ସରକାର ସମୟରେ ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ୪୩୭ ଟଙ୍କା ଥିବାବେଳେ ଏବେ ଏହା ୯୫୦ ଟଙ୍କାରେ ପହଞ୍ଚିଛି। ଗ୍ୟାସ୍ ସିଲିଣ୍ଡର ବୁକିଂ ଅବଧିକୁ ୧୫ ଦିନରୁ ୨୫ଦିନକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ହୋଟେଲ, ଶିଳ୍ପ ଓ ବିଭିନ୍ନ କ୍ଷେତ୍ରରେ ଗୁରୁତର ପ୍ରଭାବ ପଡ଼ିଛି ବୋଲି କଂଗ୍ରେସ ଜିଲା ସଭାପତି ମହାନ୍ତି କହିଛନ୍ତି। ବିପୁଳ ପରିମାଣରେ ସିଲିଣ୍ଡର ମହଜୁଦ ରଖି କୃତ୍ରିମ ଅଭାବ ସୃଷ୍ଟି କରାଯାଉଛି। ପ୍ରଶାସନ ତୁରନ୍ତ ଗ୍ୟାସ୍ ଯୋଗାଣକୁ ଉପଯୁକ୍ତ ଭାବେ ପରିଚାଳନା କରିବାକୁ ସେ ଦାବି କରିଛନ୍ତି। ସେହିପରି କଳାବଜାର ଓ କୃତ୍ରିମ ଅଭାବ ସୃଷ୍ଟିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଜିଲା ଉପସଭାପତି ପ୍ରଦ୍ୟୁମ୍ନ କୁମାର ଦାସ, ଅଭିଷେକ ରାଉତ, ଜ୍ୟୋତ୍ସ୍ନାରାଣୀ ପତି, ରାଜ୍ୟ ଦଳିତ ସେଲ୍‌ର ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଯେନା, ଜିଲା କୋଷାଧ୍ୟକ୍ଷ ବିଜୟ ବାରିକ, ଚାନ୍ଦବାଲି ବ୍ଲକ ସଭାପତି ଶୁଭାଶିଷ ମଲ୍ଲିକ, ଧାମନଗର ବ୍ଲକ ସଭାପତି ରମେଶ ବେହେରା, ନାରୀନେତ୍ରୀ ଶର୍ମିଷ୍ଠା ପଣ୍ଡା, ସ୍ୱସ୍ତିକା ପଣ୍ଡା, ଜାନକୀ ମଲ୍ଲିକ, ଧରିତ୍ରୀ ଜେନା ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଂଗ୍ରେସ ନେତ୍ରୀ ଚୁଲି ଜାଳି ଚା କରୁଛନ୍ତି।

## ପୁଅ ବାହାଘରକୁ ଯାଇଥିବା ବେଳେ ଘରେ ଲାଗିଲା ନିଆଁ

**■ ୨ ପରିବାରର ୫ ବଖରା ଜଳିଗଲା**
**■ ପୋଡ଼ିଗଲା ଜମି ବିକ୍ରି ଟଙ୍କା, ସୁନାଗହଣା**

ଧାମନଗର, ୧୩।୩(ସନ୍ତୋଷ କୁମାର ମହାପାତ୍ର)

ପୁଅ ବାହାଘର ପାଇଁ ପରିବାର ଲୋକ ଯାଇଥିବା ବେଳେ ନିଆଁ ଲାଗି ଘର ଜଳିଯାଇଛି। ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତର ଇଛଦା ଜେନାସାହିରେ ଗୁରୁବାର ବିଳମ୍ବିତ ରାତିରେ ଏହି ଅଗ୍ନିକାଣ୍ଡ ଘଟିଥିବା ବେଳେ ୨ ପରିବାରର ୫ ବଖରା ଚାଳ ଛପରଘର ଜଳିଯାଇଛି।

ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ନାରାୟଣ ଜେନାଙ୍କ ପୁଅ ରାମଙ୍କ ବିବାହ ପାଇଁ ପରିବାର ଲୋକ ଭଣ୍ଡାରିପୋଖରୀ ବ୍ଲକର ମାଳଦା ଅଞ୍ଚଳକୁ ଯାଇଥିଲେ। ପଡ଼ୋଶୀ ଅଭିରାମ ଜେନାଙ୍କ ପରିବାର ଲୋକେ ନିଜ ଘରେ ଶୋଇଥିଲେ। ରାତି ପ୍ରାୟ ୧ଟା ୩୦ ମିନିଟ୍ ସମୟରେ ଉଭୟ ପରିବାର ଚାଳଛପର ଘରେ ନିଆଁ ଲାଗିଥିଲା ବୋଲି ନାରାୟଣ କହିଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିଲେ ମଧ୍ୟ ବିଦ୍ୟୁତ୍ ଶର୍ଟ ସର୍କିଟ୍ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। କିଛି ସମୟ ମଧ୍ୟରେ ଘରେ ଥିବା ଗ୍ୟାସ୍ ଟାଙ୍କି ଫାଟିଯିବାରୁ ନିଆଁର ପ୍ରକୋପ ବଢ଼ି ଯାଇଥିଲା। ଅଭିରାମଙ୍କ ୩ ବଖରା ଘର ଜଳିଯାଇଥିବା ବେଳେ ଝିଅ ବାହାଘର ପାଇଁ ୨ ମାସ ପୂର୍ବରୁ ନିଜ ଚାଷଜମି ବିକ୍ରି କରି ଘରେ ରଖିଥିବା ନଗଦ ପ୍ରାୟ ୫ଲକ୍ଷ ଟଙ୍କା ଏବଂ ପ୍ରାୟ ୪ ଲକ୍ଷ ଟଙ୍କାର ସୁନାଗହଣା ସହ ଅନ୍ୟାନ୍ୟ ଆସବାବପତ୍ର ପୋଡ଼ିଯାଇଛି। ସେହିପରି ନାରାୟଣଙ୍କ ୨ ବଖରା ଘର ଜଳିଯାଇଥିବା ବେଳେ ବାକ୍ସରେ ରଖିଥିବା ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସହ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଧାମନଗର ଦମକଳ ବାହିନୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲା। ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ଓ ରାଜସ୍ୱ ନିରୀକ୍ଷକ କିଶୋର କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ଅଗ୍ନିବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଭଦ୍ରକ କଲେଜରେ ନବନିଯୁକ୍ତ ଅଧ୍ୟକ୍ଷଙ୍କୁ ବିରୋଧ

**କାର୍ଯ୍ୟାଳୟରେ ତାଲା ପକାଇ ଅଟକ ରଖିଲେ**


ଛାତ୍ରମାନେ ବାଉଁଶ ବାନ୍ଧି ଭଦ୍ରକ କଲେଜ ଫାଟକ ବନ୍ଦ କରୁଛନ୍ତି।

ଭଦ୍ରକ, ୧୩।୩ (ସନାତନ ରାଉତ)

ଭଦ୍ରକ କଲେଜରେ ଚଳିତମାସ ୧ ତାରିଖରେ ଯୋଗ ଦେଇଥିବା ନୂତନ ଅଧ୍ୟକ୍ଷଙ୍କୁ ଶୁକ୍ରବାର କେତେଜଣ ଅଧ୍ୟାପକ ଓ ଛାତ୍ର ବିରୋଧ କରିଛନ୍ତି। କଲେଜ ଫାଟକ ଆଗରେ ଟାୟାର ଜାଳି ପ୍ରତିବାଦ କରିବା ସହ କାର୍ଯ୍ୟାଳୟରେ ତାଲା ପକାଇ ଅଧ୍ୟକ୍ଷଙ୍କୁ ଅଟକ ରଖିଥିଲେ। ଅଧ୍ୟକ୍ଷଙ୍କୁ ତୁରନ୍ତ ବଦଳି କରିବା ପାଇଁ ସେମାନେ ଦାବି କରିଛନ୍ତି। ଟାଉନ ପୋଲିସ ସନ୍ଧ୍ୟାରେ ପହଞ୍ଚି ଅଧ୍ୟକ୍ଷଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା।

ସୂଚନା ଅନୁଯାୟୀ, କଲେଜର ନୂତନ ଅଧ୍ୟକ୍ଷ ଭାବେ ଡ. ରଜତ ପ୍ରଧାନ ଯୋଗଦେବା ପରେ କେତେଜଣ ଅଧ୍ୟାପକ ଓ କର୍ମଚାରୀଙ୍କ ଦାୟିତ୍ୱ ଅଦଳବଦଳ କରିଛନ୍ତି। ଶୁକ୍ରବାର କେତେଜଣ ଅଧ୍ୟାପକ, କର୍ମଚାରୀ ଓ ଛାତ୍ର କିଛି ସମସ୍ୟା ନେଇ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେମାନଙ୍କୁ ଅଧ୍ୟକ୍ଷ ଦୁର୍ବ୍ୟବହାର କରିବା ସହ ତମମାନଙ୍କୁ ଅଫିସ ଭିତରକୁ ଆସିବା ପାଇଁ କିଏ ଅନୁମତି ଦେଲେ ବୋଲି ପ୍ରଶ୍ନ କରିଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ବିରୋଧ ପ୍ରଦର୍ଶନ କରାଯାଇଥିବା ଛାତ୍ର ଆଲୋକ କୁମାର ପଣ୍ଡା କହିଛନ୍ତି। ସେହିପରି ଇଂଲିଶ ବିଭାଗ ଅଧ୍ୟାପକ ସନ୍ତୋଷ ସେଠୀ କହିଛନ୍ତି, ନୂତନ ଅଧ୍ୟକ୍ଷ ଯୋଗଦେବାଠାରୁ କଲେଜରେ ବିଶୃଙ୍ଖଳା ସ୍ଥିତି ସୃଷ୍ଟି ହାଇଛି। ସେ କାହାରି ପରାମର୍ଶ ନ ନେଇ ମନମୁଖି ନିଷ୍ପତ୍ତି ନେଉଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ତାଙ୍କୁ ବଦଳି କରିବା ପାଇଁ ସେମାନେ ଦାବି କରି ବିରୋଧ ପ୍ରଦର୍ଶନ କରିଛନ୍ତି। ଏନେଇ ଅଧ୍ୟକ୍ଷ ପ୍ରଧାନ କହିଛନ୍ତି, କଲେଜର ଠିକ୍ ପରିଚାଳନା ଓ ସୁନାମ ପାଇଁ କିଛି ବିଭାଗରେ ଦାୟିତ୍ୱ ପରିବର୍ତ୍ତନ କରାଯାଇଛି। ଏହାଦ୍ୱାରା କେତେଜଣ ଅଧ୍ୟାପକ ଓ କର୍ମଚାରୀଙ୍କ ସ୍ୱାର୍ଥରେ ବାଧା ସୃଷ୍ଟି ହେବାରୁ ସେମାନେ ଛାତ୍ରମାନଙ୍କୁ ଲଗାଇ ବିରୋଧ ପ୍ରଦର୍ଶନ କରିବା ସହ ତାଲା ପକାଇ ତାଙ୍କୁ ଅଟକ ରଖିଥିଲେ। ଏନେଇ ସେ ଟାଉନ ଥାନାରେ ଅଭିଯୋଗ କରିଥିବା କହିଛନ୍ତି। ପ୍ରକାଶଥାଉ କି, ଦାୟିତ୍ୱ ଅଦଳବଦଳ ନେଇ ପୂର୍ବାହ୍ନରେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ କେତେଜଣ ଅଧ୍ୟାପକ ଓ କର୍ମଚାରୀଙ୍କ ସହ ଆଲୋଚନା ହୋଇଥିଲା। କିଛି ସମାଧାନ ନ ବାହାରିବାରୁ ଛାତ୍ରମାନେ କଲେଜ ଫାଟକ ଆଗରେ ଟାୟାର ଜାଳି ପ୍ରତିବାଦ କରିଥିବା ଜଣାଯାଇଛି।

### ରଘୁନାଥ ଜୀଉଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ତିହିଡ଼ି, ୧୩।୩(କାଳନ୍ଦୀ ବେହେରା)

ତିହିଡ଼ି ବ୍ଲକର କୁବେରା ପଞ୍ଚାୟତ ଅଧୀନ ବୈଷ୍ଣବସାହି ଗ୍ରାମରେ ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ବିଧି ଅନୁଯାୟୀ ଅଙ୍କୁରାରୋପଣ, ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଦ୍ୱିତୀୟ ଦିବସରେ ମନ୍ଦିର ସ୍ନାନ, ଚକ୍ର ସ୍ଥାପନ, ଆସ୍ଥାନ ପୂଜା, ହୋମ ଓ ଉଦ୍‌ଯାପନୀ ଦିବସରେ ବିଗ୍ରହ ସ୍ଥାପନ ସହ ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା। ପ୍ରଫେସର କିଶୋର ଚନ୍ଦ୍ର ରାୟ ଓ ପ୍ରାଧ୍ୟାପିକା ମାଧବୀଲତା ରାୟ ଯଜ୍ଞରେ ସଂକଳ୍ପ କରିଥିଲେ। ସାମାଜିକ କର୍ମୀ ସୁରେନ୍ଦ୍ର ମୋହନ ରାୟ, ପ୍ରସନ୍ନ କୁମାର ରାୟ, ପୀତାମ୍ବର ରାୟ, ସତ୍ୟନାରାୟଣ ରାୟ, ପରିଚାଳନା କମିଟିର ମୁଖ୍ୟ ବୟୋଜ୍ୟେଷ୍ଠା ମହିଳା ସରସ୍ୱତୀ ଦାଶ, ଆଦର୍ଶ ଦାଶ, ପ୍ରକାଶ ଦାସ, ମନୋଜ ପଣ୍ଡା, ବିକାଶ ଦାସ, ରମେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଦକ୍ଷିଣକାଳୀ ମନ୍ଦିରରେ ନୂତନ ବିଗ୍ରହ ସ୍ଥାପନ

ତିହିଡ଼ି, ୧୩।୩(କାଳନ୍ଦୀ ବେହେରା)

ତିହିଡ଼ି ବ୍ଲକର ନୂଆନନ୍ଦସ୍ଥିତ ମହାବିଦ୍ୟା ପୀଠରେ ଗୁରୁବାର ଦକ୍ଷିଣକାଳୀ ମନ୍ଦିରରେ ନୂତନ ବିଗ୍ରହ, ଶିଖର କଳସ ଓ ଧ୍ୱଜା ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ସମର୍ପଣ ଭାବ ମଣିଷ ମନରେ ଶାନ୍ତି ଓ ତୃପ୍ତି ଆଣିଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଇଂ. ଅଭୟ ସୂତାର ଓ ଅନ୍ୟତମ ଅତିଥି ଭାବେ ଡା. ଅନୀଲ କୁମାର ଦାସ ଯୋଗ ଦେଇଥିଲେ। ଏହି ଅବସରରେ ଆଧାତ୍ମିକ ପୁସ୍ତକ 'କୁଳ କୁଣ୍ଡଳିନୀ ଦଶ ମହାବିଦ୍ୟା' ଉନ୍ମୋଚନ କରାଯାଇଥିଲା। ସାମାଜିକ କର୍ମୀ ଦୁଃଶାସନ ପାଣିଗ୍ରାହୀ ସଞ୍ଚାଳନ କରିଥିବା ବେଳେ ମୁଖ୍ୟ ପୁରୋଧା ପୀତାମ୍ବର ଦାସ ଓ ଶୈଳବାଳା ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ନୀହାରିକା ବିଶ୍ୱାଳ, ସମିତିସଭ୍ୟ ଭକ୍ତହରି ମଲିକ, ଭବାନୀ ଶଙ୍କର ଦାସ, ରାମାନୁଜ ଦାସ, ସୁନୀତା ଦାସ, ପାର୍ବତୀ ଦାସ, ଲୋକନାଥ ଦାସ, ଶ୍ୟାମାରାଣୀ ଦାସ, କୈଳାସ ପତି, ସଂଗ୍ରାମ ଦାସ, ଯଯାତି କେଶରୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ୩୦୦ ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟ ଗ୍ରହଣ


ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଣଙ୍କୁ ପୋଷଣ ପ୍ୟାକେଟ୍ ବଣ୍ଟନ କରାଯାଉଛି।

ଭଦ୍ରକ, ୧୩।୩(ସନାତନ ରାଉତ)

ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ୩୦୦ଜଣ ଯକ୍ଷ୍ମାରୋଗୀଙ୍କୁ ବେଦାନ୍ତ ଫେକର ଦ୍ୱାରା ପୋଷ୍ୟ ଭାବେ ଗ୍ରହଣ କରାଯାଇଛି। ସେମାନଙ୍କର ମାଗଣାରେ ଚିକିତ୍ସା ସହ ପୁଷ୍ଟିକର ଖାଦ୍ୟ ପାଇଁ ମାସକୁ ୧୦୦୦ ଟଙ୍କାର ଆର୍ଥିକ ସହାୟତା ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଛି। ଭାରତକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଗୋଷ୍ଠୀସ୍ତରରୁ ସ୍ୱେଚ୍ଛାକୃତ ଭାବେ ଯକ୍ଷ୍ମାରୋଗୀମାନଙ୍କୁ ଅତିରିକ୍ତ ପୁଷ୍ଟିକର ଖାଦ୍ୟ ସହାୟତା ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜ କହିଛନ୍ତି। ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରହରାଜଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଜିଲା ଯକ୍ଷ୍ମା ଅଧିକାରୀ ଡା. ସନ୍ତୋଷ କୁମାର ପୃଷ୍ଟି, ବେଦାନ୍ତ(ଫେକର)ର ସିଏଚ୍ଆର୍ଓ ସୁନିତ କୁମାର ଧଳ, ସୌମ୍ୟରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଯକ୍ଷ୍ମାରୋଗୀମାନଙ୍କୁ ପୋଷଣ ପ୍ୟାକେଟ ବଣ୍ଟନ କରିଥିଲେ। ଜିଲା ଯକ୍ଷ୍ମା ସଂଯୋଜକ ନିବାସ ରଞ୍ଜନ ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସୁବାସିନୀ ପାଣିଗ୍ରାହୀ, ରାଜେଶ କୁମାର ସାହୁ, ସତ୍ୟଜିତ ଯତି, ସ୍ମିତାରାଣୀ ନାୟକ, ମୀନହରି ରଣା ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ।

## ଧାନ ନ ଉଠିବାରୁ ଚାଷୀଙ୍କ ଆନ୍ଦୋଳନ

ଧୁସୁରୀ, ୧୩।୩(ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକ ପାଳସାହି ସେବା ସମବାୟ ଅଧୀନରେ ଥିବା ଚାଷୀମାନେ ଶୁକ୍ରବାର ପୂର୍ବାହ୍ନରେ ସରକାରଙ୍କ ଧାନକିଣାରେ ଅନିୟମିତତା ଅଭିଯୋଗ ଆଣି ସମିତି କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରିଛନ୍ତି। ମଣ୍ଡିରୁ ଧାନ ନ ଉଠିବାରୁ ଚାଷୀମାନେ ଧାରଣାରେ ବସିରହି ସରକାର ବିରୋଧୀ ନାରା ଦେଇଥିଲେ। ଚାଷୀଙ୍କ ଟୋକନ କ୍ଲିୟର ନ କରିବା, ମଣ୍ଡିରୁ ଧାନ ନ ଉଠିବା, ଖରା, ବର୍ଷା, କାକରରେ ଧାନ ପଡ଼ି ରହିବା, ମିଲର ଧାନ କ୍ରୟ ପରେ ବି ଅର୍ଥରାଶି ପ୍ରଦାନରେ ବିଳମ୍ବ କରିବା, ରାତିରେ ବାହାରେ ପଡ଼ି ରହିଥିବା ଧାନ ଷଣ୍ଢ ଖାଇବା ସହ ନଷ୍ଟ କରିବା ଆଦି ନେଇ ଚାଷୀମାନେ ପ୍ରତିବାଦ କରିଥିଲେ। ତୁରନ୍ତ ଚାଷୀମାନଙ୍କ ଧାନ ମିଲର ଉଠାଇବା ସହ ଟୋକନ ପ୍ରଦାନ ଅବଧି ଘୁଞ୍ଚାଇବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ସେବା ସମବାୟ ସମିତି ସଭାପତି ଭାଗବତ ଖଟୁଆଙ୍କୁ ପଚାରିବାରୁ ଟୋକନ ଦେବା ତାରିଖର ଅବଧି ଏଯାଏ ସରିନି, ସରକାର ସମସ୍ତଙ୍କଠାରୁ ଧାନ କ୍ରୟ କରିବେ କରିବେ ବୋଲି କହିଛନ୍ତି।


ଚାଷୀମାନେ ପାଳସାହି ସମବାୟ ସମିତି କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

## ଆଇଓସିଏଲ୍‌ର ମକ୍‌ଡ୍ରିଲ


ତିହିଡ଼ି ବ୍ଲକ୍‌ର ଏକଡାଳଠାରେ ମକ୍‌ଡ୍ରିଲ କରାଯାଉଛି।

ବାସୁଦେବପୁର, ୧୩।୩(କାଳିପଦ ରାୟ)

ଆଇଓସିଏଲ୍ ବାଲେଶ୍ୱର ପକ୍ଷରୁ ଶୁକ୍ରବାର ତିହିଡ଼ି ବ୍ଲକ ଅଧୀନ ବାହାବଳପୁର ପଞ୍ଚାୟତର ଏକଡାଳଠାରେ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମବଙ୍ଗର ହଳଦିଆଠାରୁ ଜଗତସିଂହପୁର ଜିଲାର ପାରାଦୀପ ପର୍ଯ୍ୟନ୍ତ ଯାଇଥିବା ପାଇପ୍ ଲାଇନରେ କୌଣସି କାରଣରୁ ଯଦି ତୈଳ ଲିକେଜ୍ ହୋଇ ନିଆଁ ଲାଗିଯାଏ, ସ୍ଥାନୀୟ ଜନସାଧାରଣ କିପରି ନିଜକୁ ସୁରକ୍ଷିତ ରଖି ଜନଜୀବନ ହାନିକୁ ରୋକିପାରିବେ ସେଥିପାଇଁ ମକ୍‌ଡ୍ରିଲର ଆୟୋଜନ କରାଯାଇଥିଲା। ଜନସାଧାରଣ ସଚେତନ ହେଲେ ଯେକୌଣସି ବିପର୍ଯ୍ୟୟରେ ଧନଜୀବନର କ୍ଷୟକ୍ଷତିକୁ କମ୍ କରାଯାଇ ପାରିବ ବୋଲି ଅଧିକାରୀମାନେ କହିଥିଲେ। ପାଇପ୍ ଲାଇନ ନିକଟରେ କୃତ୍ରିମ ଉପାୟରେ ତୈଳ ନିର୍ଗତ କରାଇବା ପରେ ସେଥିରେ ଅଗ୍ନି ସଂଯୋଗ କରାଯାଇଥିଲା। ଏହାପରେ ଅଗ୍ନିଶମ ବିଭାଗ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ମିଳିତ ଭାବେ ନିଆଁକୁ ଲିଭାଇଥିଲେ। ମକ୍‌ଡ୍ରିଲ ବେଳେ ଆଘାତପ୍ରାପ୍ତ ବ୍ୟକ୍ତିମାନଙ୍କ ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ର ତିଆରି କରାଯାଇଥିଲା। ଏକଡାଳ କୁରୁବାଟିଆର ଗ୍ରାମବାସୀ ମକ୍‌ଡ୍ରିଲ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏନ୍‌ଡିଆର୍‌ଏଫ୍‌ର ଡ. ନବୀନ କୁମାର, ଡେପୁଟି କଲେକ୍ଟର ଜ୍ଞାନରଞ୍ଜନ ସାହୁ, ତିହିଡ଼ିର ଅତିରିକ୍ତ ତହସିଲଦାର ସତୀଶ କୁମାର ରାଉତ, ଭଦ୍ରକ ସହାୟକ ଅଗ୍ନିଶମ ଅଧିକାରୀ ପୁରେନ ସୋରେନ, ତିହିଡ଼ି ଥାନାଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ଆଇଓସିଏଲ୍‌ର ନେତାରାମ ମୀନା, ମହେଶ ଗୀତେ ପ୍ରମୁଖ ଯୋଗ ଦେଇଥିଲେ।

## ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀ


ସମ୍ମିଳନୀରେ ଭାଜପା କର୍ମକର୍ତ୍ତାମାନେ।

ଚାନ୍ଦବାଲି, ୧୩।୩ (କିଷାନ ପାତ୍ର)

ଚାନ୍ଦବାଲି ଏନ୍‌ଏସ୍ଥିତ ସଦାନନ୍ଦ ମଠ ପରିସରରେ ଶୁକ୍ରବାର ଭାଜପା ପକ୍ଷରୁ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ଅଞ୍ଜନ ଦାସଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଚାନ୍ଦବାଲି ନଗର ଭାଜପା ସଭାପତି ବିକାଶ ବେହେରା ସଭାପତିତ୍ୱ କରିଥିଲେ। ଆଗାମୀ ପୌର ନିର୍ବାଚନକୁ ସଫଳ କରିବା ପାଇଁ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ସଙ୍ଗଠିତ ହୋଇ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦିଆଯାଇଛି। ନିର୍ବାଚନମଣ୍ଡଳୀ ସଂଯୋଜକ କିଶୋର ନାୟକ, ଚାନ୍ଦବାଲି ବିଧାନସଭା ପ୍ରଭାରୀ ଅଜୟ କୁମାର ନାୟକ, ରାଜ୍ୟ କୃଷକମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର କୁମାର ରାଉଳ, ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ସୂତାର, ପୂର୍ଣ୍ଣଚନ୍ଦ୍ର ପାଣି ପ୍ରମୁଖ ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ ଯୋଜନାରେ ହିତାଧିକାରୀମାନଙ୍କୁ ସାମିଲ କରାଇବା ସହ ଦଳର ଭିତ୍ତିକୁ ଶକ୍ତିଶାଳୀ କରିବା ପାଇଁ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି। ବରିଷ୍ଠ ନେତା ଅଭିମନ୍ୟୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଶୋଭାଯାତ୍ରାରେ ବାହାରିବ ୫୨ ପ୍ରଜ୍ଞାପନ ମେଢ଼

**ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ପ୍ରସ୍ତୁତି**

ତିହିଡ଼ି, ୧୩।୩(ସଞ୍ଜିତ ବଳ)

ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ପାଇଁ ଗୁରୁବାର ଅପରାହ୍ନରେ ତିହିଡ଼ିସ୍ଥିତ ବ୍ରିଗେଡ୍ ସ୍କୁଲରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତିହିଡ଼ି ଶ୍ରୀରାମ ନବମୀ ସମିତି ସଭାପତି କିଶୋର କୁମାର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ମହୋତ୍ସବରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ଅଞ୍ଚଳରୁ ୫୨ଟି ପ୍ରଜ୍ଞାପନ ମେଢ଼ ଶୋଭାଯାତ୍ରାରେ ଯୋଗଦେବେ ବୋଲି ବୈଠକରେ ସୂଚନା ଦିଆଯାଇଛି।

ଶ୍ରୀରାମ ମନ୍ଦିର ଏବଂ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ତିହିଡ଼ି ବଜାରରେ ବ୍ୟାରିକେଡ୍ ତିଆରି ହେବ। ବିଭିନ୍ନ ଅଞ୍ଚଳରୁ ମହୋତ୍ସବ ଦେଖିବାକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ଯେମିତି କୌଣସି ସମସ୍ୟା ଉପୁଜିବ ନାହିଁ। ଏହାବ୍ୟତୀତ ତିହିଡ଼ି କଲେଜ ଛକ ଏବଂ ତହସିଲ ଛକରେ ବାଇକ୍, କାର୍ ଷ୍ଟାଣ୍ଡର ବ୍ୟବସ୍ଥା କରାଯିବ। ଏବେ ତିହିଡ଼ି ବଜାର ଉଭୟ ପାର୍ଶ୍ୱରେ ନିର୍ମାଣାଧୀନ ଡ୍ରେନ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ଉତ୍ସବ ପୂର୍ବରୁ କେମିତି ଶେଷ ହେବ, ସେ ଦିଗରେ ଦୃଷ୍ଟି ଦିଆଯିବ। ମହୋତ୍ସବ ପରଦିନ ବଜାରକୁ ସଫେଇ କରାଯିବ। ମହୋତ୍ସବ ପୂର୍ବରୁ ହେବାକୁ ଥିବା ଗଣଦୌଡ଼, ବାଇକ୍ ଓ ସାଇକେଲ ଶୋଭାଯାତ୍ରା କିପରି ଶୃଙ୍ଖଳାର ସହ ସମାପନ ହେବ ସେ ଦିଗରେ ମଧ୍ୟ ଦୃଷ୍ଟି ଦିଆଯିବ ବୋଲି ବୈଠକରେ କୁହାଯାଇଥିଲା। ଉପସଭାପତି ରବୀନ୍ଦ୍ର ଦାସ, ସମ୍ପାଦକ ଯଯାତି କେଶରୀ ଦାସ, ସହସମ୍ପାଦକ ରାଜେଶ ନାୟକ, କୋଷାଧ୍ୟକ୍ଷ ନୀଳମଣି ସାବତ, ସର୍ବବ୍ୟବସ୍ଥା ପ୍ରମୁଖ ସୀତାକାନ୍ତ ନାୟକ, ବ୍ୟବସ୍ଥା ପ୍ରମୁଖ ଶୁଭ୍ରନାରାୟଣ ସେଠୀ, ବରିଷ୍ଠ ଉପଦେଷ୍ଟା ଡ. ଲକ୍ଷ୍ମୀଧର ତ୍ରିପାଠୀ, ସୋମନାଥ ପାଢ଼ୀ, ଚନ୍ଦ୍ରକାନ୍ତ ମହାନ୍ତି, ଦୀନବନ୍ଧୁ ପତି, ରଘୁନାଥ ପାତ୍ର, ପି. ହୃଷୀକେଶ, ଶୁକଦେବ ମଲିକ, ବିଶ୍ୱଜିତ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଜୟ ନାୟକ, ପ୍ରଶାନ୍ତ ବଳ, ନିତ୍ୟାନନ୍ଦ ଜେନା, ତପନ ପଣ୍ଡା, ନିରଞ୍ଜନ ମହାରଣା ପ୍ରମୁଖ କାର୍ଯ୍ୟକର୍ତ୍ତା ବୈଠକରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୮ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

ବାରିପଦା, ୧୩।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧିନ ବେଗୁନିଆବଣୀସ୍ଥିତ ବେସରକାରୀ ମୟୂରଭଞ୍ଜ ଆଦିବାସୀ ଆବାସିକ ବନ ବିଦ୍ୟାଳୟର ଅନ୍ତେବାସୀ ୮ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଉଦଳା ଥାନା ଦେବଗାଁ ଅଂଚଳ ବିଜୟ ସିଂଙ୍କ ପୁଅ ଆଶିଷ(୧୩) । ତେବେ ଦୁଇ ଦିନ ଜ୍ୱରରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବା ବିଦ୍ୟାଳୟର ନିର୍ଦ୍ଦେଶକ ବାସୁଦେବ ମହାନ୍ତି ପ୍ରକାଶ କରିଛନ୍ତି। ଜ୍ୱର ଆକ୍ରାନ୍ତ ଥିବା ଛାତ୍ରଙ୍କୁ ଚିକିତ୍ସା ପାଇଁ ବାରିପଦା ଜିଲା ମୁଖ୍ୟାଳୟକୁ ସ୍ଥାନାନ୍ତର କରିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଯାହାକୁ ନେଇ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶନିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

### ହରିପୁର ହାଟରୁ ବାଇକ୍ ଚୋରି

ବୈଶିଙ୍ଗା, ୧୩।୩ (ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ହରିପୁର ହାଟରୁ ଗୁରୁବାର ସନ୍ଧ୍ୟାରେ ଏକ ବାଇକ ଚୋରି ହୋଇଛି। ଏ ନେଇ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନା ମୁତାବକ ରାସଗୋବିନ୍ଦପୁର ଥାନା ଅର୍ନ୍ତଗତ କପାଇ ଗ୍ରାମର ଛୋଟରାୟ ମହାନ୍ତ ତାଙ୍କ ବାଇକଟିକୁ ରଖି ହ୍ୟାଣ୍ଡେଲ ଲକ ପକାଇ ପନିପରିବା କିଣିବା ପାଇଁ ହାଟ ଭିତରକୁ ଯାଇଥିଲେ। ମାତ୍ର ୩୦ ମିନିଟ ପରେ ଫେରି ଆସି ଦେଖିଲା ବେଳକୁ ବାଇକ ନ ଥିଲା। ତାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୧୨୮/୨୬) ରୁଜୁ କରି ତଦନ୍ତ ଆରମ୍ଭ ହୋଇଛି।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ବୈଶିଙ୍ଗା, ୧୩।୩ (ରତନ ଦାଶ)

ମୟୁରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କାଠପାଳ ଗ୍ରାମ ଉପକଣ୍ଠ ଏକ ବିଲ ମଝିରେ ଥିବା ପୋଖରୀ ତୁଠରୁ ଶୁକ୍ରବାର ମହିଳାଙ୍କ ଝୁଲନ୍ତା ମୃତଦେହ ପେଲସ ଜବତ କରିଛି। ମୃତକ କାଠପାଳ ଗ୍ରାମର ରବୀନ୍ଦ୍ର ସିଂଙ୍କ ପତ୍ନୀ ଗୁରୁବାରୀ। ସେ ସକାଳୁ ଘର ବାହାରକୁ ମୂଳ ଲାଗିବାକୁ ଯାଇଥିଲେ। ଅପରାହ୍ନରେ ଛେଳି ଚରାଇବାକୁ ଯାଇଥିବା ଜଣେ ଗାଁ ଲୋକ ବିଲ ମଝିରେ ଥିବା ବରଗଡିଆ ପୋଖରୀ ତୁଠରେ ଥିବା ଏକ ଗଛରେ ଝୁଲୁଥିବା ଗୁରୁବାରୀର ମୃତଦେହ ଦେଖିବାକୁ ପାଇଥିଲେ। ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ ବୈଶିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ବାରିପଦାରୁ ସାଇଣ୍ଟିଫିକ ଟିମ ଆସିବା ପରେ ମୃତଦେହ ଓହ୍ଲାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଥାନା ଅଧିକାରୀ ବାରିଣୀ ଦାସଙ୍କୁ ପଚାରିବାରୁ ସେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି କହିଛନ୍ତି।

# ବଲାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଆରମ୍ଭ

ବାରିପଦା, ୧୩।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

**୩ଦିନ ଧରି ଜିଲା ପରିକ୍ରମା କରିବ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥ**



ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥର ଶୁଭାରମ୍ଭ କରାଯାଉଛି।

ମୟୂରଭଞ୍ଜ ଜିଲାରେ ଓଡ଼ିଆ ଭାଷା ସାହିତ୍ୟ, କଳା, ସଂସ୍କୃତି ଐତିହ୍ୟ ଏବଂ ପର୍ଯ୍ୟଟନର ବିକାଶ ପାଇଁ ବଲାଙ୍ଗୀ ମହୋତ୍ସବ କମିଟି ପକ୍ଷରୁ ବଲାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥର ଜିଲା ପରିକ୍ରମା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଶୁକ୍ରବାର ସକାଳେ ବାରିପଦା ଜଗନ୍ନାଥ ମନ୍ଦିର ନିକଟରେ ମହୋତ୍ସବ କମିଟି ପ୍ରତିଷ୍ଠାତା ସମ୍ପାଦକ ଶରତଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ମହାରାଜା ଶ୍ରୀରାମଚନ୍ଦ୍ରଭଞ୍ଜ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମମୋଦ କୁମାର ଶତପଥି ମୁଖ୍ୟଅତିଥି, ଖବରଦାତା ଡ଼. ବିଜୟ ଅଗ୍ରୱାଲା, ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗକେଶରୀ ଜେନା, ଭଞ୍ଜସେନାର ଉପାଧକ୍ଷ ସଞ୍ଜୀବ କୁମାର ରାଉତ, ସାମାଜିକ କର୍ମୀ ବିଶ୍ୱଜିତ ନାୟକ, ବରିଷ୍ଠ ଖବରଦାତା କବି ବିଷ୍ଣୁ ଶତପଥି, ବଲାଙ୍ଗୀ ମହୋତ୍ସବ ଅଧକ୍ଷ ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇ ବଲାଙ୍ଗୀ ସେନାର ସଂସ୍କୃତି ସୈନିକମାନଙ୍କୁ ଉତ୍ସାହିତ କରିଥିଲେ। ବିଗତ ୯ବର୍ଷ ଧରି ଜିଲାର ୪ଟି ଯାକ ଉପଖଣ୍ଡର ଅଧିବାସୀଙ୍କ ମଧ୍ୟରେ ସାଂସ୍କୃତିକ ସମନ୍ୱୟ ରକ୍ଷା ଏବଂ ଭାଇଚାରା ପରମ୍ପରାକୁ ମଜଭୁତ କରିବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବଲାଙ୍ଗୀ ମହୋତ୍ସବ କମିଟି କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି ଏବଂ ବଲାଙ୍ଗୀ ସେନାର ଅଧକ୍ଷ କୁମାରେସ ନାୟକଙ୍କ ତତ୍ତ୍ୱାବଧାନରେ ଜାଗରଣ ଯାତ୍ରାରେ ୫୦ରୁ ଉର୍ଦ୍ଧ୍ୱ ସଂସ୍କୃତି ସୈନିକଙ୍କ ସହିତ ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତିରଥ ୩ଦିନ ଧରି ସମଗ୍ର ଜିଲା ପରିକ୍ରମା କରି ମୟୂରଭଞ୍ଜର କଳା ସଂସ୍କୃତି, ଐତିହ୍ୟର ପ୍ରଚାର ପ୍ରସାର ସହ ଜିଲାରେ ଭାଇଚାରାର ପରମ୍ପରାକୁ ସୁଦୃଢ଼ କରିବ। ବାରିପଦା ଜଗନ୍ନାଥ ମନ୍ଦିର ନିକଟରୁ ଏହି ଯାତ୍ରା ଛଉ, ଝୁମର, କଲସିନାଚ, ସଂକୀର୍ତ୍ତନ, ଓଡିଶୀ ଆଦି କଳାକାରମାନଙ୍କର ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିସ୍ଥଳକୁ ଆସି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଜାଗରଣ ଯାତ୍ରା ଏବଂ ଜ୍ୟୋତିରଥ କୁଳିଅଣା, କଳାବାଡିଆ, ଖାରପୋଖରୀଆ, ସାରସକଣା, ବାଙ୍ଗିରିପୋଷି, ବିଶୋଇ, ବିଜାତଳା, ରାଇରଙ୍ଗପୁର, ବହଳଦା ହୋଇ ଦୁଦୁ ପର୍ଯ୍ୟନ୍ତ ଯିବ। କାର୍ଯ୍ୟକ୍ରମରେ ଅଶୋକ ପଲେଇ, ନରେନ୍ଦ୍ର ମୋହନ ସେନାପତି, ମନୋଜ ଦଳବେହେରା, ଡ଼. ଶଶୀଧର ବିଶ୍ୱାଳ, ଖବରଦାତା ସୁକାନ୍ତ କୁମାର ଜୀଉ, ଇନ୍ଦୁମତି ମହାନ୍ତି, ସୁନୀଲ କୁମାର ଜେନା, ରବୀନ୍ଦ୍ର ସିଂ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ଉନ୍ନୟନ କାର୍ଯ୍ୟ ନିମ୍ନମାନର ଅଭିଯୋଗ

ମୋରଡ଼ା/ରାସଗୋବିନ୍ଦପୁର, ୧୩।୩ (ସ୍ମାରକ ମାଜୀ/ସତ୍ୟବାଦୀ ପରିଡା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ୍ ଅଧୀନ ଦେବଶୋଳ ପଞ୍ଚାୟତର ମୂଷାମାରୀ ଗ୍ରାମରେ ଏକ ଉନ୍ନୟନମୂଳକ କାର୍ଯ୍ୟ ନିମ୍ନମାନର ହୋଇଥିବାର ଅଭିଯୋଗ ହୋଇଛି। ଏ ନେଇ ଏକ ଅଭିଯୋଗପତ୍ର ରାସଗୋବିନ୍ଦପୁର ବିଡ଼ିଓ ଅନନ୍ତ ହାଁସଦାଙ୍କୁ ପ୍ରଦାନ କରାଯାଇଛି। ଅଭିଯୋଗ ମୁତାବକ, ଉକ୍ତ ଗ୍ରାମରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଏକ ବାସନ୍ତୀ ପୂଜା ମଣ୍ଡପର ନିର୍ମାଣ କାର୍ଯ୍ୟ ଚାଲୁଛି। ତେବେ ମଣ୍ଡପ ପାଇଁ ନିର୍ମିତ କୋଲମରେ ଜାଲି ଦିଆଯାଇ ନାହିଁ, ସିମେଣ୍ଟ ବାଲିର ମିଶ୍ରଣ ମଧ୍ୟ ଠିକ ଭାବେ ଦିଆଯାଉନାହିଁ। କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କାର୍ଯ୍ୟ ଚାଲୁଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ତେବେ ନିମ୍ନମାନର କାର୍ଯ୍ୟ ବାବଦରେ ଠିକାଦାରଙ୍କୁ କହିବାରୁ ସେ ଆଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି। ଏକ ଉପଯୁକ୍ତ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ବାସନ୍ତୀ ପୂଜା କମିଟି ସଭାପତି ପ୍ରଫୁଲ୍ଲ ଦଲେଇ, ସମ୍ପାଦକ ଗଗନ କୁମାର ସାହୁ, ମଦନମୋହନ ସାହୁ ଏବଂ ଅନ୍ୟମାନେ ଦାବି କରିଛନ୍ତି। ବିଡ଼ିଓ ହାଁସଦାଙ୍କୁ ପଚାରିବାରୁ ବର୍ତ୍ତମାନ ନିର୍ମାଣ କାର୍ଯ୍ୟ ବନ୍ଦ ଅଛି। ପରବର୍ତ୍ତୀ ସମୟରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

## ଅପହରଣ ଉଦ୍ୟମ ଘଟଣା: ଅଭିଯୁକ୍ତ କୋର୍ଟଚାଲାଣ

ବୈଶିଙ୍ଗା, ୧୩।୩ (ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ଶିଖରଖୁଣ୍ଟା ଗ୍ରାମରେ ଏକ ଅପହରଣ ଉଦ୍ୟମ ଘଟଣାରେ ଲୋକଙ୍କ ମାଡ଼ରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ ଗତ ୧୦ ତାରିଖ ମଙ୍ଗଳବାର ସନ୍ଧ୍ୟା ସମୟରେ ଶିଖରଖୁଣ୍ଟା ଗ୍ରାମର କାର୍ତ୍ତିକ ବେହେରାଙ୍କୁ ଅପହରଣ ଉଦ୍ଦେଶ୍ୟରେ ୩ଟି ବାଇକରେ ୮ ଜଣ ଯୁବକ ଆସି ଅପହରଣ ଉଦ୍ୟମ କରି ବିଫଳ ହୋଇଥିବା ବେଳେ ଗ୍ରାମବାସୀଙ୍କ ମାଡ଼ରେ ଗୁରୁତର ହୋଇଥିଲେ। ଶମ୍ଭୁନାଥ ମୁର୍ମୁ , ରୁହିଆ ମୁର୍ମୁ ଓ ସନିଆ ଚପିଆର ନାମକ ୩ ଜଣ ଯୁବକଙ୍କୁ ପୋଲିସ ଉଦ୍ଧାର କରି ବାରିପଦା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ତେବେ ଶମ୍ଭୁନାଥ ସୁସ୍ଥ ହେବା ପରେ ଆଜି ଡାକ୍ତରଖାନାରୁ ପୋଲିସ ଏସ୍ଆଇ ଅଶୋକ କୁମାର ପାତ୍ର ଗିରଫ କରି କୋର୍ଟଚାଲାଣ କରିଥିଲେ। ତେବେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଏବେବି ଅନ୍ୟ ୨ ଜଣ ଅଭିଯୁକ୍ତଙ୍କ ଚିକିତ୍ସା ଚାଲିଛି।

## ବାଣିଜ୍ୟ ବିଭାଗରେ ନିବେଶକ ସଚେତନତା କାର୍ଯ୍ୟକ୍ରମ


ନିବେଶକ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

ବାରିପଦା, ୧୩।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦି ମଲ୍ଟିମିଡିଆ କମୋଡିଟି ଏକ୍ସଚେଞ୍ଜ ଅଫ ଇଣ୍ଡିଆ ଲିଃ ଦ୍ୱାରା ଏକ ନିବେଶକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ସଂଯୋଜକ ସହକାରୀ ପ୍ରଫେସର ଡ. ଆଶୁତୋଷ ପ୍ରୟାସ ଦାଶ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ମୁଖ୍ୟଅତିଥି ରୂପେ ଯୋଗଦେଇ ବାଣିଜ୍ୟ ଛାତ୍ରୀଛାତ୍ରମାନଙ୍କୁ ସଚେତନ ନିବେଶକ ଭାବେ ପ୍ରତିଷ୍ଠିତ ହେବା ନିମନ୍ତେ ଅନେକ ଉପାଦେୟ ପରାମର୍ଶ ଦେଇଥିଲେ। ସାମ୍ପ୍ରତିକ ପରିସ୍ଥିତି ଓ ବିଶ୍ୱ ବଜାରରେ ଲାଗିରହିଥିବା ଅସ୍ଥିରତା ସମୟରେ ନିବେଶକମାନେ କିପରି ଧୈର୍ଯ୍ୟ ବଜାୟ ରଖିବେ ସେଥିନିମନ୍ତେ ଅନେକ ଉପାଦେୟ ପରାମର୍ଶ ଦେଇଥିଲେ। ଏଥିରେ ବାଣିଜ୍ୟ ବିଭାଗର ମୁଖ୍ୟ ଭୀମଚରଣ ମୁର୍ମୁ ପଣ୍ୟଦ୍ରବ୍ୟ ବଜାରର ସ୍ଥିତି ବାବଦରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି କିପରି ଏହାକୁ ସହଜରେ ବିନିମୟ ବା ବ୍ୟବସାୟ କରାଯାଇପାରିବ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅଧିବେଶନରେ ମୁଖ୍ୟବକ୍ତା ରୂପେ ସେବି (SEBI)ର ପ୍ରତିନିଧି ରୂପେ ଅନିଶ ବ୍ୟାସ ଯୋଗଦେଇ ଭାରତର ପଣ୍ୟଦ୍ରବ୍ୟ ବଜାରର ଆୟତନ ଓ ଆଗାମୀ ଭବିଷ୍ୟତ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ପ୍ରଫେସର ସୀମା ଅଗ୍ରୱାଲ, ଅନାମ ଚରଣ ରାଉଳ, କୁମାର ସାହୁ ଓ ଅତିଥି ଅଧ୍ୟାପକ ରତିକାନ୍ତ ବାରିକ, ସାଇମା ଫିର୍ଦୋସ, ସୁଜାତା ବେହେରା, ହିମାଂଶୁ ପ୍ରଧାନ, ହିତେଶ ଗୁପ୍ତା, ଅମ୍ରିତା ମହାନ୍ତି ଓ କିରଣମୟୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ବିଭିନ୍ନ ବିଭାଗର ଅଧ୍ୟାପିକା, ଅଧ୍ୟାପକ ତଥା ବହୁସଂଖ୍ୟକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ଶିକ୍ଷକଙ୍କ ଅକାଳ ବିୟୋଗ

ମୋରଡ଼ା, ୧୩।୩ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ଦାନ୍ତିଆମୁହାଁ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବିଜୟ ପାତ୍ରଙ୍କ ବୁଧବାର ଅକାଳ ବିୟୋଗ ଘଟିଛି। ଶିକ୍ଷକ ପାତ୍ର ପୂର୍ବରୁ ଦୁର୍ଗାପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଥିବା ବେଳେ ଗତ ଏକ ମାସ ହେବ ଦାନ୍ତିଆମୁହାଁ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ଜଣେ ମେଳାପୀ, ଛାତ୍ର ବତ୍ସଳ ଏବଂ ସମସ୍ତଙ୍କ ପ୍ରିୟ ଭାଜନ ଥିଲେ। ତାଙ୍କ ମୃତ୍ୟୁ ପରେ ତାଙ୍କର ଚକ୍ଷୁ ଦାନ କରାଯାଇଛି। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦାନ୍ତିଆମୁହାଁ କ୍ଲଷ୍ଟର ସମସ୍ତ ବିଦ୍ୟାଳୟରେ ନିରବ ପ୍ରାର୍ଥନା କରାଯାଇଥିଲା। ମୋରଡା ବିଇଓ ବିଜୟ ପାଣିଗ୍ରାହୀଙ୍କ ତରଫରୁ ପାତ୍ରଙ୍କ ସ୍ତ୍ରୀ ଶକୁନ୍ତଳା ପାତ୍ରଙ୍କୁ ୧୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଦାନ୍ତିଆମୁହାଁ ସିଆରସିସି କୌଶିକ ଦାସ, ଶିକ୍ଷକ ପ୍ରଦୀପ ମହାନ୍ତ, ସୁବ୍ରତ ଦାସ, ରାମଚନ୍ଦ୍ର ସୋରେନ, ପ୍ରଶାନ୍ତ ସି ପ୍ରମୁଖ ଉପସ୍ଥିତ ଥିଲେ।

## ଜନଗଣନା ପାଇଁ କ୍ଷେତ୍ର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବାରିପଦା, ୧୩।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଜନଗଣନା -୨୦୨୭ ଅନ୍ତର୍ଗତ ଗୃହ ତାଲିକା ଓ ଗୃହ ଜନଗଣନା କାର୍ଯ୍ୟକ୍ରମ ପାଇଁ କ୍ଷେତ୍ର ପ୍ରଶିକ୍ଷକମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମୟୁରଭଞ୍ଜ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସଫଳତାର ସମ୍ପନ୍ନ ହୋଇଛି। ଭୁବନେଶ୍ୱରସ୍ଥିତ ଡାଇରେକ୍ଟୋରେଟ ଅଫ ସେନସସ ଅପରେସନ୍ସ ଓ ମୟୂରଭଞ୍ଜ ଜିଲା ପ୍ରଶାସନଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଛି। ଜନଗଣନାର ପ୍ରଥମ ପର୍ଯ୍ୟାୟ ପାଇଁ ପ୍ରଶିକ୍ଷକମାନଙ୍କୁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଏହା ଆୟୋଜିତ ହୋଇଛି। ଏହା ୭ ମାର୍ଚ୍ଚରୁ ୧୦, ୨୦୨୬ ଏବଂ ୧୧ମାର୍ଚ୍ଚରୁ ୧୩ ପର୍ଯ୍ୟନ୍ତ ତିନିଟି ବ୍ୟାଚରେ ଆୟୋଜିତ ହୋଇଥିଲା। ପ୍ରଶିକ୍ଷଣ ସମୟରେ ଗୋଟିଏ ଦିନର ପ୍ରାୟୋଗିକ କ୍ଷେତ୍ର ପରିଦର୍ଶନ ମଧ୍ୟ ଆୟୋଜିତ ହୋଇଛି। ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏପ୍ରିଲରୁ ସେପ୍ଟେମ୍ବର ୨୦୨୬ ମଧ୍ୟରେ ହେବାକୁ ଥିବା ଗୃହ ତାଲିକା ଓ ଗୃହ ଜନଗଣନାର ପ୍ରଥମ ପର୍ଯ୍ୟାୟ ଅନ୍ତର୍ଭୁକ୍ତ ଅଟେ। ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାଏକ ଓ ଜିଲା ସେନସସ ଅଫିସର ଅଧ୍ୟକ୍ଷତାରେ ମାଷ୍ଟର୍ ଟ୍ରେନର୍ ଭାବେ ଗୌତମ କୁମାର ପାତ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅଭିମନ୍ୟୁ ସେଠୀ, ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ବାରିକ, ସହାୟକ ବ୍ଲକ ଶିକ୍ଷା ଅଧିକାରୀ ରାସଗୋବିନ୍ଦପୁର ମିଳିତ ଭାବେ କ୍ଷେତ୍ର ପ୍ରଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ ପ୍ରଶିକ୍ଷକମାନଙ୍କୁ ସମ୍ବୋଧନ କରି ଜନଗଣନା କାର୍ଯ୍ୟର ବିଭିନ୍ନ ପ୍ରାସଙ୍ଗିକ ବିଷୟବସ୍ତୁ ଉପରେ ମାର୍ଗଦର୍ଶନ ଦେଇଥିଲେ। ଠିକ ତଥ୍ୟ ସଂଗ୍ରହର ଗୁରୁତ୍ୱ ଉଲ୍ଲେଖ କରି କ୍ଷେତ୍ର ପ୍ରଶିକ୍ଷକମାନଙ୍କୁ ଦାୟିତ୍ୱବାନ ଭାବେ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏହାସହ ଅର୍ଜିତ ଜ୍ଞାନକୁ ବ୍ୟବହାର କରି ଫିଲ୍ଡ ସ୍ତରରେ ଏନ୍ୟୁମେରେଟର୍ ଓ ସୁପରଭାଇଜରମାନଙ୍କୁ କ୍ଷେତ୍ର ପ୍ରଶିକ୍ଷକମାନେ ଠିକ୍ ମାର୍ଗଦର୍ଶନ ଦେବେ ବୋଲି ଅତିରିକ୍ତ ଜିଲାପାଳ ନାଏକ ଆଶାବ୍ୟକ୍ତ କରିଛନ୍ତି। ପ୍ରଶିକ୍ଷଣ ସମୟରେ ଏନ୍ୟୁମେରେସନ ପ୍ରକ୍ରିୟା, ଘର ତାଲିକାକରଣ ପ୍ରଣାଳୀ, କ୍ଷେତ୍ର ସ୍ତରର ନିୟମାବଳୀ ଓ ସେନସସ କାର୍ଯ୍ୟର ପ୍ରାୟୋଗିକ ଦିଗ ବିଷୟରେ ବିଭିନ୍ନ ସେସନ ଆୟୋଜିତ ହୋଇଥିଲା। ପ୍ରାୟୋଗିକ କ୍ଷେତ୍ର ପ୍ରଶିକ୍ଷଣ ସମୟରେ ଅଂଶଗ୍ରହଣକାରୀମାନେ ଘର ଘର ସର୍ଭେ କରିବାର ଅନୁଭବ ଲାଭ କରିଥିଲେ ଏବଂ କ୍ଷେତ୍ର ଅଭିଜ୍ଞତା ମଧ୍ୟ ଆଦାନ-ପ୍ରଦାନ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ସହକାରୀ ଜିଲାପାଳ ମାନସୀ ତରାଇ (ସେନସସ) ପରିଚାଳନା କରିଥିଲେ।

# ଶିମିଳିପାଳ ଜୈବ ବିବିଧତା ଉତ୍ସବ

ବାରିପଦା, ୧୩।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସେଣ୍ଟର ଫର୍ ଶିମିଳିପାଳ ଷ୍ଟଡିଜ୍ ଓ ଯଶିପୁରସ୍ଥିତ ସେଣ୍ଟର ଫର୍ ରିଜିଓନାଲ ଏଜୁକେଶନ ଫରେଷ୍ଟ ଆଣ୍ଡ ଟୁରିଜିମ ଡେଭଲପମେଣ୍ଟ ଏଜେନ୍ସିର ମିଳିତ ସହଯୋଗରେ ଶିମିଳିପାଳ ଜୈବବିବିଧତା ଉତ୍ସବ ଅବସରରେ ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଶିମିଳିପାଳର ଜୈବ ବିବିଧତା ଓ ପରିବେଶ ସୁରକ୍ଷାରେ ତାର ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ମୟୂରଭଞ୍ଜର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକ ଡକ୍ଟର ପ୍ରକାଶ ଚାନ୍ଦ ଗୋଗ୍ନେନୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିମିଳିପାଳର ସାମ୍ପ୍ରତିକ ସ୍ଥିତି ଓ ତାର ସୁରକ୍ଷା ଉପରେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଏଫଇଏସ ସଂସ୍ଥାର ସିନିୟର ପ୍ରୋଗ୍ରାମ ମ୍ୟାନେଜର ଡକ୍ଟର ଜ୍ୟୋତିପ୍ରକାଶ ରଥ ଶିମିଳିପାଳର ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବାରିପଦାର ଶିମିଳିପାଳ ଅଭୟାରଣ୍ୟର ଉପନିର୍ଦ୍ଦେଶକ ଡକ୍ଟର ସମ୍ରାଟ ଗୌଡ ଶିମିଳିପାଳରେ ବନ୍ୟଜନ୍ତୁମାନଙ୍କର ଅବସ୍ଥିତିର ଏକ ଚିତ୍ର ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ହେମନ୍ତ କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସ୍ଥାର ଯୁଗ୍ମ ସମ୍ପାଦକ ନିହାର ରଞ୍ଜନ ମିଶ୍ର କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ ଓ ଉପସଭାପତି ଡକ୍ଟର ବିଜୟଶ୍ରୀ ଶତପଥୀ ଧନ୍ୟବାଦ ଦେଇଥିଲେ। ବିଶ୍ୱବିଦ୍ୟାଳୟର ପ୍ରାଣୀବିଜ୍ଞାନ, ବନ୍ୟପ୍ରାଣୀ ଓ ଜୈବବିବିଧତା ସଂରକ୍ଷଣ, ସାନ୍ତାଳୀ, ଅର୍ଥନୀତି, ରାଜନୀତି ବିଜ୍ଞାନ, ସାମାଜିକ କାର୍ଯ୍ୟ, ଜୈବପ୍ରଯୁକ୍ତି ଆଦି ବିଭାଗର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

## ରନ୍ଧନଗ୍ୟାସ୍ ଅଚଳାବସ୍ଥା ବିରୋଧରେ କଂଗ୍ରେସର ବିକ୍ଷୋଭ

ବାରିପଦା, ୧୩।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟରେ ରନ୍ଧନ ଗ୍ୟାସ ଅଚଳବସ୍ଥାକୁ ନେଇ ସାଧାରଣ ଜନତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାଶଙ୍କ ନିର୍ଦ୍ଦେଶକ୍ରମେ ମୟୂରଭଞ୍ଜ ଜିଲା ପୂର୍ବ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ସତ୍ୟସାଇ ଛକଠାରୁ ଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ପଦଯାତ୍ରାରେ ବାହାରି ଗ୍ୟାସ ସମସ୍ୟାର ସମାଧାନ ପାଇଁ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାଏକଙ୍କୁ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏସ୍‌ଟି ସେଲ୍‌ରୁ ଚୈତନ୍ୟ ହାଁସଦା, କୃଷକ ସେଲ ସଭାପତି ଦୀପକ ଦାଶ, ପିସିସି ସଭ୍ୟ ନାରାୟଣ ପଟ୍ଟନାୟକ, ମୀନକେତନ ବେହେରା, ଉତ୍ତମ ବେହେରା, ପ୍ରଦୀପ ଦାଶ, ସୁନାରାମ ସରେନ, ବିଷ୍ଣୁ ସିଂ, ଅଭିଷେକ ଯାଦବ, ବିପ୍ଳବ ବାରିକ, ସମର ଦାଶ, ରବୀନ୍ଦ୍ର ଗିରି ମହିଳା କଂଗ୍ରେସ ପକ୍ଷରୁ ସୁନୀତା ନାୟକ, ଭୁବନେଶ୍ୱରୀ ଜେନା, ଶୁଭସ୍ମିତା ଦାସ, ଅନିତା ମାରାଣ୍ଡି, ଲଫିଆ ମହାମୋତ, ତାରନା ବେଗମ ସହିତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଜୀବନସାଥୀ ହେଲେ ୪୩ ଯୋଡ଼ି

ବାରିପଦା, ୧୩।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଅତିଥିମାନଙ୍କ ଗହଣରେ ବିବାହ ବନ୍ଧନରେ ବାନ୍ଧି ହୋଇଥିବା ୪୩ ଯୋଡ଼ି।

ମୟୂରଭଞ୍ଜ ଜିଲା ପ୍ରଶାସନ ଆନୁକୂଲ୍ୟରେ ଶୁକ୍ରବାର ବାରିପଦା ଛଉ ପଡିଆରେ ମୁଖ୍ୟମନ୍ତ୍ରୀ କନ୍ୟାବିବାହ ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୪୩ଯୋଡି ବରକନ୍ୟାଙ୍କ ବିବାହ କାର୍ଯ୍ୟ ପାରମ୍ପରିକ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି। ଭିନ୍ନ ସମ୍ପ୍ରଦାୟର ବିବାହକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଆନନ୍ଦ ଉଲ୍ଲାସ ପରିଲକ୍ଷିତ ହୋଇଛି। ଆର୍ଥିକ ଦୁର୍ବଳ ଶ୍ରେଣୀର କନ୍ୟାମାନଙ୍କୁ ବିବାହ ସମୟରେ ସହାୟତା ପ୍ରଦାନ କରି ସମାଜରେ ସାମାଜିକ ସୁରକ୍ଷା ଓ ସମତା ସୃଷ୍ଟି କରିବାରେ ଏହି ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରୂପେ ପ୍ରମାଣିତ ହୋଇଛି।

ଜିଲାର ୨୬ଟି ବ୍ଲକରୁ ସାମୂହିକ ବିବାହ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। କନ୍ୟାମାନଙ୍କ ବିବାହକୁ ସମୂହ ଭାବେ

**ଭିନ୍ନ ସମ୍ପ୍ରଦାୟର ବିବାହକୁ ନେଇ ଉତ୍ସାହ**

ସମ୍ପନ୍ନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲାପାଳ ହେମକାନ୍ତ ସୟ ଉପସ୍ଥିତ ରହି ନବଦମ୍ପତିମାନଙ୍କୁ ନୂତନ ବୈବାହିକ ଜୀବନ ପାଇଁ ଆଶୀର୍ବାଦ କରିଥିଲେ। ଏହି ଯୋଜନା ଦ୍ୱାରା ଆର୍ଥିକ ଦୁର୍ବଳ ପରିବାରମାନେ ନିଜ କନ୍ୟାଙ୍କ ବିବାହ ସମୟରେ ଆର୍ଥିକ ଚାପରୁ ମୁକ୍ତି ପାଇବା ଓ ବିଧବା ବିବାହକୁ ମଧ୍ୟ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ବୋଲି ଜିଲାପାଳ କହିଥିଲେ। ଫଳରେ ସମାଜରେ ସାମାଜିକ ସଚେତନତା ବୃଦ୍ଧି ପାଇବା ସହିତ ବିଧବାମାନଙ୍କୁ ପୁନର୍ବାର ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଇ ସେମାନଙ୍କୁ ସଶକ୍ତିକରଣ କରାଯାଇପାରିବ। ଏହି ଯୋଜନାରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୋଟ ୬୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏଥିରୁ ୪୫ହଜାର ଟଙ୍କା ଡିବିଟି ମାଧମରେ କନ୍ୟାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯାଇ ଜମା ହେବାର ବ୍ୟବସ୍ଥା ରହିଛି। ଅବଶିଷ୍ଟ ୧୫ହଜାର ଟଙ୍କା ବିବାହ ସମ୍ପର୍କିତ ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ନିୟୋଜିତ ଗ୍ରାମୀଣ ବିକାଶ କାର୍ଯ୍ୟକାରୀ କମିଟି(ଆରଡିଏସି)କୁ ପ୍ରଦାନ କରାଯାଇଛି। ଏଥିରେ ଭିନ୍ନ ସମ୍ପ୍ରଦାୟର ବିବାହ ସମ୍ପନ୍ନ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାଏକ, ଉପଜିଲାପାଳ ଡ.ଦୟାସିନ୍ଧୁ ପରିଡା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର ମୁନ୍ଦୁୟାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

